ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR (OD)/CS-GA-906-21/12/20



# ଓମ୍ୱାଡ୍‌ସି ପାଣ୍ଠି ଅନ୍ତର୍ଗତ ସ୍ୱାସ୍ଥ୍ୟ, ଶିକ୍ଷା ଓ କୌଶଳ ବିକାଶ ପ୍ରକଳ୍ପ ତ୍ୱରାନ୍ୱିତ
# କ୍ଷେତ୍ରସ୍ତରୀୟ ଅନୁଧ୍ୟାନ ଓ ଗୁଣାତ୍ମକମାନ ଉପରେ
# ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୨୧/୧୨/୨୦

ଓଡ଼ିଶା ଖଣିଜ ଅଂଚଳ ଉନ୍ନୟନ ନିଗମ(ଓମ୍ୱାଡ୍‌ସି) ପାଣ୍ଠି ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ ହୋଇଛି । ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହା ଜଣାପଡିଛି ।

ରାଜ୍ୟ ଲୋକସେବା ଭବନ ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ନିଗମର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତୀ ଉମା ନନ୍ଦୁରୀ ପ୍ରକଳ୍ପ ସମ୍ବନ୍ଧିତ ପ୍ରଶାସନିକ, ଆର୍ଥିକ ଓ ବୈଷୟିକ ତଥ୍ୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ବୈଠକରେ ମୁଖ୍ୟତଃ ସ୍ୱାସ୍ଥ୍ୟ, ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷା, କୌଶଳ ବିକାଶ, ବୈଷୟିକ ଶିକ୍ଷା ଏବଂ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ ଗୁଡିକ ବିଷୟ ସମୀକ୍ଷା ହୋଇଥିଲା ।

ପ୍ରକଳ୍ପଗୁଡିକର ଅଗ୍ରଗତି ସମୀକ୍ଷା କରି କ୍ଷେତ୍ରସ୍ତରୀୟ ଅନୁଧ୍ୟାନ ମାଧ୍ୟମରେ ଗୁଣାତ୍ମକ ମାନ ନିଶ୍ଚିତ କରାଇବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ପ୍ରକଳ୍ପ କାର୍ଯ୍ୟନ୍ୱୟନକାରୀ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତୃତୀୟ ପକ୍ଷ ବୈଷୟିକ ଟିମ୍ ମାଧ୍ୟମରେ ପ୍ରକଳ୍ପ ଗୁଡିକର ତ୍ୱରିତ କାର୍ଯ୍ୟାନ୍ୱୟନ ଏବଂ ଗୁଣାତ୍ମକ ମାନର ନିୟମିତ ଯାଞ୍ଚ୍ କରିବା ପାଇଁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ସେବା ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ ପ୍ରକଳ୍ପ ଗୁଡିକ ସଠିକ୍ ଭାବରେ ଜନସାଧାରଣଙ୍କୁ ସେବା ଯୋଗାଉଛି କି ନାହିଁ ତାହାର ମଧ୍ୟ ନିୟମିତ ଅନୁଧ୍ୟାନ କରିବାକୁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ ।

ପ୍ରାପ୍ତ ସୂଚନାରୁ ଜଣାପଡିଛି, ଓମ୍ବାଡ୍‌ସି ପାଣ୍ଠି ବିନିଯୋଗରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମାଧ୍ୟମରେ ମୁଖ୍ୟତଃ ୫ ପ୍ରକାର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ଏଗୁଡିକ ହେଲା ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମି ବିକାଶ, ଜରୁରୀକାଳୀନ ସେବା ବ୍ୟବସ୍ଥାର ବିକାଶ, ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଟେଲି–ମେଡିସିନ୍ ସେବା ବ୍ୟବସ୍ଥା, ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଉପଲବ୍ଧିର ସୁବିଧା, ଏବଂ ସ୍ୱତନ୍ତ୍ର ଜନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ । ପ୍ରାୟ ୧୨୯୮.୮୫ କୋଟି ଟଙ୍କା ବିନିଯୋଗରେ ଏହିସବୁ ପ୍ରକଳ୍ପ କେନ୍ଦୁଝରେ, ସୁନ୍ଦରଗଡ, ମୟୁରଭଞ୍ଜ ଓ ଯାଜପୁର ଆଦି ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି । ଏହାଛଡା ୬୬.୪୪ କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ଯାଜପୁରଠାରେ ମା ଓ ଶିଶୁ ଚିକିତ୍ସା ହସ୍‌ପିଟାଲ୍ ନିର୍ମାଣ ଏବଂ ୩.୨୧ କୋଟି ଟଙ୍କା ଅଟକଳରେ

ମୟୁରଭଞ୍ଜ ଜିଲ୍ଲା ପାଇଁ ଅତ୍ୟାଧୁନିକ ଚିକିତ୍ସା ଉପକରଣ ଯୋଗାଣ ଆଦି ପ୍ରକଳ୍ପ ଆରମ୍ଭ କରାଯାଇଛି ।

ସେହିପରି ପ୍ରାଥମିକ ଶିକ୍ଷାର ବିକାଶ ନିମନ୍ତେ ୪୫୨ କୋଟି ଟଙ୍କା ଅଟକଳର ୮୦୦୫ ଟି ପ୍ରକଳ୍ପ, ମାଧମିକ ଶିକ୍ଷା ନିମନ୍ତେ ୩୦୨.୬୬ କୋଟି ଟଙ୍କାର ୩୬୦୯ ଟି ପ୍ରକଳ୍ପ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୪୮୧.୫୩ କୋଟି ଟଙ୍କା ଅଟକଳର ୪୩୬ ଟି ପ୍ରକଳ୍ପ, ଏବଂ କସ୍ତୁରବା ଗାନ୍ଧି ବାଳିକା ବିକାଶ ବିଦ୍ୟାଳୟ ନିମନ୍ତେ ୩.୯୨ କୋଟି ଟଙ୍କାର ୨୯ ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି ।

ଓମ୍ବାଡ୍‌ସି ଅଂଚଳରେ ଥିବା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଏବଂ ଇଞ୍ଜିନିଅରିଂ ବିଦ୍ୟାଳୟ ଗୁଡିକର ଆଧୂନିକରଣ ସହ ଜନଜାତି ଯୁବବର୍ଗଙ୍କର କୌଶଳ ବିକାଶ ପ୍ରକଳ୍ପ ଗୁଡିକ ବୈଷୟିକ ଶିକ୍ଷା ଓ କୌଶଳ ବିକାଶ ବିଭାଗ ମାଧମରେ କାର୍ଯ୍ୟକାରୀ କରାଯାଉଛି । ଜନଜାତି ଯୁବବର୍ଗଙ୍କ କୌଶଳ ବିକାଶ ନିମନ୍ତେ ୧୮.୧୯ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରାଯାଇଛି । ରାଉରକେଲା ସ୍ଥିତ ସରକାରୀ ଅଇ.ଟି.ଆଇ, ଉତ୍କଳମଣି ଗୋପବନ୍ଧୁ ଇଞ୍ଜିନିଅରିଂ ପ୍ରତିଷ୍ଠାନ, କେନ୍ଦୁଝର ସ୍ଥିତ ଓଡ଼ିଶା ସ୍କୁଲ୍ ଅଫ୍ ମାଇନିଂ ଇଞ୍ଜିନିଅରିଂ ଏବଂ ବଡବିଲ୍ ସ୍ଥିତ ସରକାରୀ ଆଇ.ଟି.ଆଇ ର ଆଧୂନିକରଣ ପ୍ରକଳ୍ପ ଆରମ୍ଭ କରାଯାଇଛି । ଏସବୁ ପ୍ରକଳ୍ପ ପାଇଁ ଓମ୍ବାଡ୍‌ସି ପାଣ୍ଠିରୁ ୪୭.୪୦ କୋଟି ଟଙ୍କାର ପାଣ୍ଠି ମଞ୍ଜୁର କରାଯାଇଛି ।

ଜନଜାତି ଯୁବବର୍ଗଙ୍କ କୌଶଳ ବିକାଶ ନିମନ୍ତେ ମୁଖ୍ୟତଃ ନିଯୁକ୍ତି ସଂଯୁକ୍ତ ତାଲିମ ପ୍ରଦାନ, ଛାତ୍ରାବାସ ନିର୍ମାଣ ଏବଂ ପ୍ରାକ୍‌–ଚୟନ ତାଲିମ୍ କ୍ୟାମ୍ପ୍ ଆଦି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଇତି ମଧ୍ୟରେ ୨୪୩ ଜଣ ଜନଜାତି ଯୁବକ ସଫଳତାର ସହ ବିଭିନ୍ନ ଟ୍ରେଡରେ ତାଲିମ ପାଠ୍ୟକ୍ରମ ଶେଷ କରିଛନ୍ତି । ସେମାନଙ୍କ ମଧ୍ୟରୁ ୧୩୨ ଜଣଙ୍କୁ ବିଭିନ୍ନ କଂପାନୀରେ ନିଯୁକ୍ତି ଦିଆଯାଇଛି । ବର୍ତ୍ତମାନ ଆହୁରି ୨୬୯ ଜଣଙ୍କୁ ତାଲିମ ଦିଆଯାଉଛି । ମୟୁରଭଞ୍ଜ ଓ ଯାଜପୁର

ଜିଲ୍ଲାରେ ଗୋଟିଏ ଲେଖାଏଁ ଛାତ୍ର ଓ ଛାତ୍ରୀ ନିବାସ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ଏହି ଦୁଇ ଜିଲ୍ଲାରେ ସମୁଦାୟ ୨ ଟି ଛାତ୍ରାବାସ ଏବଂ ୨ ଟି ଛାତ୍ରୀନିବାସ ନିର୍ମାଣ ଚାଲୁରହିଛି ।

ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ବୈଷୟିକ ଶିକ୍ଷା ଓ କୌଶଳ ବିକାଶ ବିଭାଗ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ, ଓମ୍ପାଡ୍‌ସିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତୀ ଉମା ନନ୍ଦୁରୀଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଉମାକାନ୍ତ ମହାପାତ୍ର,

ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ